# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17th December – 2025

*************************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ପାଇଁ ବିକଶିତ ଗ୍ରାମ ନିର୍ମାଣ VB-G RAM G-2025 ସହାୟକ ହେବ; ଲୋକସଭାରେ କହିଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ।

- ବ୍ରହ୍ମପୁରରେ ୧୦ଟି ମୁଖ୍ୟ ରାସ୍ତା ନିର୍ମାଣପାଇଁ ରାଜ୍ୟ ସରକାରଙ୍କ ଘୋଷଣା ।

— ବ୍ରହ୍ମପୁର-ଜୟପୁର ୬ ଲେନ୍ ବିଶିଷ୍ଟ ରାସ୍ତାପାଇଁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ; କହିଲେ ମୁଖ୍ୟମନ୍ତ୍ରୀ ।

- ପି.ଏମ୍. କୌଶଳ ବିକାଶ ଯୋଜନାରେ ୫ ବର୍ଷରେ ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦିଆଯାଇଛି ପ୍ରଶିକ୍ଷଣ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦିବା ପହୁଡ଼ ନୀତି ସମ୍ପନ୍ନ ।

*Desk*

# ମନରେଗା - ଜି. ରାମ ଜି.

ଲୋକସଭାରେ ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) - VB G. RAM G-2025 ବିଲ୍ ନେଇ ଆଲୋଚନା ଜାରି ରହିଛି । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଏହି ବିଲ୍ ବିକଶିତ ଭାରତପାଇଁ ବିକଶିତ ଗ୍ରାମ ନିର୍ମାଣରେ ସହାୟକ ହେବ । ଏଥିରେ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି । ବିଲ୍‌ରେ ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ବୋଲି ଶ୍ରୀ ଚୌହାନ୍ କହିଛନ୍ତି ।

***Voice (Sivaraj)*** :......

୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣ ଅନୁରୂପ ଗ୍ରାମର ବିକାଶକୁ ଏହି ବିଲ୍ ସମର୍ଥନ କରିବ। ଏହାବ୍ୟତୀତ ବିଲ୍‌ରେ ଏକ ପ୍ରଯୁକ୍ତିବିଦ୍ୟା ସକ୍ଷମ ଢାଞ୍ଚା ଏବଂ ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଅଧିକ ସ୍ୱଚ୍ଛଳ ଓ ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ପ୍ରସ୍ତାବିତ ବିଲ୍‌ରେ ସରକାର ୪ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି। ସେଗୁଡ଼ିକ ହେଲା– ଜଳ ସଂରକ୍ଷଣ, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଏବଂ ବିପର୍ଯ୍ୟୟ ପ୍ରଶମନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି।

ନବରଙ୍ଗପୁର ଜିଲ୍ଲା ଉମରକୋଟ୍‌ର ମିଲୁ ପଣ୍ଡା ଏହି ବିଲ୍ ସମ୍ପର୍କରେ ତାଙ୍କ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି :

***Voice (Milu Panda)*** :.........

***Desk***

# ପିଏମ୍-କେଭିୱାଇ

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା - **PMKVY** ଅଧୀନରେ ଗତ ୫ ବର୍ଷ ମଧ୍ୟରେ ୫୩ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଦକ୍ଷତା ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି । ରାଜ୍ୟସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଚୌଧୁରୀ କହିଛନ୍ତି **PMKVY 4.0** ଅଧୀନରେ ନିଯୁକ୍ତି ହାର ଏବଂ ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସହିତ ଭାଗିଦାରିକୁ ବୃଦ୍ଧି କରିବା ଦିଗରେ ସରକାର ବିବିଧ ପଦକ୍ଷେପ ନେଇଛନ୍ତି । ଆକଳନ ଅନୁଯାୟୀ ପ୍ରାୟ ୭୦ ଦଶମିକ ୫ ପ୍ରତିଶତ ପ୍ରଶିକ୍ଷାର୍ଥୀ ନିଜନିଜର ଦକ୍ଷତା କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି । ଏହାଛଡା ବିଭିନ୍ନ ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ ତଥା ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ପକ୍ଷରୁ ହସ୍ତଗତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ବିଭିନ୍ନ ସ୍ଥାନରେ **PMKVY 4.0** ଯୋଜନା ଅଧୀନରେ ତାଲିମ କେନ୍ଦ୍ରମାନ ସ୍ଥାପନ କରାଯାଇଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

*BBSR/R*

# ଏକ୍ ପେଡ୍ ମା' କେ ନାମ୍

"ଏକ୍ ପେଡ୍ ମା' କେ ନାମ୍-୨.୦" କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଚାରାରୋପଣର ସୁରକ୍ଷା ଓ ସୁସ୍ଥ ଅଭିବୃଦ୍ଧିପାଇଁ ସ୍ଥିରିକୃତ ବିସ୍ତୃତ ନିୟମାବଳୀ ଆଧାରିତ ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକ ଭୁବନେଶ୍ୱରସ୍ଥିତ ଗୃହବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଛନ୍ତି, ଚାରାରୋପଣର ସୁରକ୍ଷା ଓ ସୁସ୍ଥ ଅଭିବୃଦ୍ଧିପାଇଁ ସରକାରୀ ସ୍ତରରେ ସମସ୍ତେ ଯତ୍ନବାନ ହେବା ଉଚିତ । ତ୍ରିସ୍ତରୀୟ ନିରୀକ୍ଷଣ ଓ ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଶ୍ରୀ ସାହୁ ବିସ୍ତୃତ ଆଲୋଚନା କରିଥିଲେ । ଚଳିତ ମାସ ଶେଷସୁଦ୍ଧା ମନିଟରିଂ ପୋର୍ଟାଲ୍‌ରେ ସମସ୍ତ ତଥ୍ୟ ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ଜିଲ୍ଲା ସ୍ତରରେ ମାସିକ ବୈଠକ ଆୟୋଜନ କରି ଅପ୍‌ଲୋଡ୍‌ର ପ୍ରଗତିକୁ ନିରୀକ୍ଷଣ କରିବାପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଭିଯାନରେ ସ୍ୱଚ୍ଛ ନିରୀକ୍ଷଣ, ବଞ୍ଚିବା ହାର ଏବଂ ଗୋଷ୍ଠୀକୈନ୍ଦ୍ରିକ କାର୍ଯ୍ୟାନ୍ୱୟନ ମାଧ୍ୟମରେ ସଫଳ ରୂପାୟନ ପ୍ରତି ସରକାର ଦୃଢ଼ ପ୍ରତିବଦ୍ଧତା ନିଶ୍ଚିତ କରିଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି ।

*Ganjam/R*

# ମୁଖ୍ୟମନ୍ତ୍ରୀ - ବ୍ରହ୍ମପୁର ଗସ୍ତ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶପାଇଁ ୧୦ଟି ମୁଖ୍ୟ ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଜନାବଦ୍ଧ ଭାବେ ଲୋକଙ୍କୁ ସମସ୍ତ ମୌଳିକ ସେବା ଯୋଗାଇ ଦେବାପାଇଁ ଟାଉନ୍ ପ୍ଲାନିଂ ଯୋଜନା ଲାଗୁ କରାଯିବ । ଏହାସହ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍ ନିର୍ମାଣ କରାଯିବ । ବ୍ରହ୍ମପୁରରୁ ଜୟପୁରକୁ ସଂଯୋଗ କରି ଏକ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆସନ୍ତା ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ପଦବୀ ସୃଷ୍ଟି କରିବାପାଇଁ ପଦକ୍ଷେପ ନିଆଯାଇଛି । ଆସନ୍ତା ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ପ୍ରଦାନ କରାଯିବ ।

***Voice (CM)*** :......

*HS*

## ଜନ ଅଭିଯୋଗ

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ପ୍ରତି ସୋମବାର ଜନ ଅଭିଯୋଗ ଶୁଣାଣି କରାଯିବ । ବିଭାଗ ଅଧୀନରେ ସମସ୍ତ ନିର୍ଦ୍ଦେଶାଳୟର ମଧ୍ୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ପାରଦର୍ଶିତା ବୃଦ୍ଧି, ପ୍ରଶାସନିକ ଦାୟିତ୍ୱ ସୁନିଶ୍ଚିତ କରିବା ଏବଂ ସମୟୋପଯୋଗୀ ସମାଧାନ ପ୍ରଦାନ କରିବା ଏହାର ଲକ୍ଷ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

*BBSR/R*

## ସୁରକ୍ଷା ସମିତି - ତାଲିମ୍ କର୍ମଶାଳା

ରାଜ୍ୟ ଶ୍ରମ ପ୍ରତିଷ୍ଠାନର ସହଯୋଗରେ ଭୁବନେଶ୍ୱରଠାରେ ସୁରକ୍ଷା ସମିତିର ଭୂମିକା ଓ ଦାୟିତ୍ୱ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ତାଲିମ୍ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । କର୍ମଶାଳାରେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ସୁରକ୍ଷା ଅଧିକାରୀମାନଙ୍କପାଇଁ ବିଭିନ୍ନ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ସରକାର କାରଖାନାଗୁଡ଼ିକର ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ଶ୍ରମିକ ସୁରକ୍ଷାପାଇଁ ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଛନ୍ତି । କାର୍ଯ୍ୟସ୍ଥଳରେ ସୁରକ୍ଷା

ରକ୍ଷା ପ୍ରତ୍ୟେକ କର୍ମଚାରୀଙ୍କ ସାମୂହିକ ଦାୟିତ୍ୱ । ନିୟମିତ ପ୍ରଶିକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ ସମିତିର ସକ୍ରିୟ ଭୂମିକା ମାଧ୍ୟମରେ ଏକ ସୁରକ୍ଷିତ କାର୍ଯ୍ୟସ୍ଥଳୀ ସୃଷ୍ଟି କରାଯାଇପାରିବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ପ୍ରତିଷ୍ଠାନ ପକ୍ଷରୁ ତାଲିମପ୍ରାପ୍ତ ୪୧ ଜଣ ସ୍ୱୀକୃତିପ୍ରାପ୍ତ ସୁରକ୍ଷା ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

***Desk***

## ଓ.ଟି.ଇ.ଟି. ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଜି ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି-୨୦୨୫ ଅନୁଷ୍ଠିତ ହୋଇଛି। ଦୁଇଟି ପର୍ଯ୍ୟାୟରେ ଏହି ପରୀକ୍ଷା ହୋଇଥିଲା । ଚଳିତବର୍ଷ ୧ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ୪୫୨ ପରୀକ୍ଷା କେନ୍ଦ୍ରରେ ଓଟିଇଟି ଦେଇଥିଲେ ।

***Nuapada/R***

## ଘରୋଇ ହିଂସା - ତାଲିମ ଶିବିର

ନୂଆପଡ଼ା ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ର ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସା ପ୍ରତିରୋଧ ଆଇନ ସମ୍ପର୍କିତ ତାଲିମ

ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଘରୋଇ ହିଂସାକୁ କିଭଳି ସମାଜରେ କିଭଳି ରୋକାଯାଇପାରିବ, ସେ ସମ୍ପର୍କରେ ଆହ୍ୱାନ ଦେଇଥିଲେ ।

***Kendrapara/R***

## ଜିଲ୍ଲାପାଳ - ଚିକିତ୍ସାଳୟ ପରିଦର୍ଶନ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟାର୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତକରି ରୋଗୀସେବା ପ୍ରଦାନ ସମ୍ପର୍କରେ ବୁଝିବା ସହ ୱାର୍ଡ଼ ପରିଦର୍ଶନ କରିଥିଲେ । ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ ।

***Kendrapara/R***

## ରାଜସ୍ୱ ଅଭିଯୋଗ

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ତହସିଲ୍‌ରେ ମଧ୍ୟ ଜିଲ୍ଲାପାଳ ରାଜସ୍ୱ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି । ଆସନ୍ତା ୨୦ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ, ୨୪ ତାରିଖରେ ଡେରାବିଶ ଏବଂ ୨୬ ତାରିଖରେ ମାର୍ଶାଘାଇ ତହସିଲ୍‌ରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

*Sonepur/R*

# ବିପର୍ଯ୍ୟୟ କର୍ମଶାଳା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ କର୍ମଶାଳାରେ ଉପସ୍ଥିତ ରହି ବିପର୍ଯ୍ୟୟର ସମ୍ଭାବନାକୁ ହ୍ରାସ କରିବା ପ୍ରକ୍ରିୟାରେ ଲିଙ୍ଗଗତ ସମାନତା ଓ ଅନ୍ତର୍ଭୁକ୍ତ ତଥା ସମାବେଶନକୁ ମୁଖ୍ୟଧାରାରେ ସମ୍ମିଳିତ କରିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

***Desk***

# ପୁରୀ - ଦିବା ପହୁଡ଼ ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ଦିବା ପହୁଡ ନୀତି ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବାପରେ ଜୟ-ବିଜୟ ଦ୍ୱାର ଦେଇ ସର୍ବସାଧାରଣ ଦର୍ଶନ ଜାରି ରହିଛି । ପୌଷ କୃଷ୍ଣ ତ୍ରୟୋଦଶୀ ତିଥି ଅବସରରେ ହେଉଥିବା ଏହି ନୀତି ପାଇଁ ଅପରାହ୍ଣରେ ୩ ଘଣ୍ଟାପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ।

*Dhenkanal/R*

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ରମେଶ ଚନ୍ଦ୍ର ସେଠୀ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମେଳା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସହ ଅନ୍ୟ ବିଭାଗର ୨୫ଟି ଷ୍ଟଲ୍ ଖୋଲାଯାଇ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯିବ । ଜିଲ୍ଲାରେ ଆସନ୍ତାମାସ ୮ ଓ ୯ ତାରିଖରେ ଏହି ମେଳା ଅନୁଷ୍ଠିତ ହେବ ।

******